**ପଞ୍ଜୀକରଣର ପ୍ରମାଣପତ୍ର :**

ଯେଉଁ ଆବେଦନ ପତ୍ର ଗୁଡିକ ଆବଶ୍ୟକୀୟ ନିୟମାବଳୀ ସବୁକୁ ପୂର୍ଣ୍ଣ କରିଥାନ୍ତି ଏବଂ ଯେଉଁ ଗୁଡିକୁ ପଞ୍ଜୀକରଣ ଦ୍ୱାରା ଅନ୍ତିମ ରୂପରେ ସ୍ୱୀକାର କରି ନିଆଯାଇଥାଏ, ସେଗୁଡିକୁ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଏ । ଏ ପର୍ଯ୍ୟନ୍ତ ୨୧୭ ଗୋଟି ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଛି; ଯାହା ମଧ୍ୟରୁ ୨ଟି ନୂଆ କିସମ ପାଇଁ, ୨୧୨ଟି ୧୯୬୬ ସିଡ୍ ଆକ୍ଟ ଅର୍ନ୍ତଗତ ବର୍ତ୍ତମାନ ପ୍ରଚଳିତ କିସମ ପାଇଁ ଏବଂ ୩ଟି କୃଷକ କିସମ ପାଇଁ ଜାରି କରାଯାଇଛି । ପଞ୍ଜୀକରଣ ପାଇଁ ଜାରି କରାଯାଇଥିବା ଏହି ପ୍ରମାଣ ପତ୍ର, ବୃକ୍ଷଲତା ପାଇଁ ୯ ବର୍ଷ ତଥା ଅନ୍ୟାନ୍ୟ ଫସଲ ପାଇଁ ୬ ବର୍ଷ ଗ୍ରହଣୀୟ ଅଟେ । ଏହି ପ୍ରମାଣ ପତ୍ରର ବୈଧତାର ନବୀକରଣ ଏବଂ ସଂଶୋଧନ, ବାର୍ଷିକ ଶୁଳ୍କ ଦେଇ କରାଯାଇପାରିବ । କିନ୍ତୁ ସିଡ୍ ଆକ୍ଟ-୧୯୬୬ ଅନୁସାରେ ଏହି ବୈଧତାର ସମୟସୀମାକୁ ପଞ୍ଜୀକରଣ ଦିନାଙ୍କରୁ ବୃକ୍ଷଲତା ପାଇଁ ୧୮ ବର୍ଷ, ଅନ୍ୟ ଫସଲ ପ୍ରଜାତି ପାଇଁ ୧୫ ବର୍ଷରୁ ଅଧିକ କରାଯାଇ ପାରିବ ନାହିଁ ।

**ଉଦ୍ଭିଦକିସମର ରାଷ୍ଟ୍ରୀୟ ରେଜିଷ୍ଟର :**

ଉଦ୍ଭିଦକିସମର ରାଷ୍ଟ୍ରୀୟ ବିବରଣୀ (ରେଜିଷ୍ଟର), ମୁଖ୍ୟ ରେଜିଷ୍ଟ୍ରରଙ୍କ କାର୍ଯ୍ୟାଳୟରେ ରଖାଯାଇଛି । ଏହି ରେଜିଷ୍ଟରରେ ସମସ୍ତ ପଞ୍ଜୀକୃତ ଉଦ୍ଭିଦକିସମର ନାମ, କ୍ରମ ଅନୁଯାୟୀ ସେହି ଉଦ୍ଭିଦକିସମର ପ୍ରଜନକ ମାନଙ୍କର ନାମ, ଠିକଣା, ଅଧିକାର ଏବଂ ସେହି ପଞ୍ଜୀକୃତ କିସମକୁ ନାମିତ କରିବା ପାଇଁ ଆବଶ୍ୟକ ବିବରଣୀ, ଏହାର ବିହନ କିମ୍ବା ଅନ୍ୟ ପ୍ରଜନନ ଉତ୍ପାଦନ, ତା ସହିତ ପ୍ରଧାନ ଗୁଣ ଗୁଡିକର ବିଶେଷ ବିବରଣୀ ଇତ୍ୟାଦି ଉଲ୍ଲେଖ ଅଛି ।

**ପି.ପି.ଭି. ଆଣ୍ଡ ଏଫ୍.ଆର.ଏ. ର ରାଷ୍ଟ୍ରୀୟ ଜିନ୍ ବ୍ୟାଙ୍କ :**

ପି.ପି.ଭି. ଆଣ୍ଡ ଏଫ୍.ଆର.ଏ. ପ୍ରାଧିକରଣ ଦ୍ୱାରା ପଞ୍ଜୀକୃତ ପ୍ରଜନକ ମାନଙ୍କ ଦ୍ୱାରା ପ୍ରସ୍ତୁତ ପେରେଣ୍ଟାଲ ଲାଇନ ସହିତ ବିହନ ସାମଗ୍ରୀକୁ ସଂରକ୍ଷିତ ବା ଗଚ୍ଛିତ କରିବା ପାଇଁ ରାଷ୍ଟ୍ରୀୟ ଜିନ୍ ବ୍ୟାଙ୍କ ସ୍ଥାପିତ ହୋଇଛି। ପଞ୍ଜୀକରଣ ସମୟରେ, ବିହନ ଅଂଶ (ସିଡ୍ ଲଟ୍) କୁ ୫° ସେଲସିଅସ (ନିମ୍ନ ତାପମାତ୍ରା)ରେ ସଂରକ୍ଷଣ କରାଯାଏ । ରାଷ୍ଟ୍ରୀୟ ଜିନ୍ ବ୍ୟାଙ୍କରେ କିଛି ବର୍ଷର ସଂରକ୍ଷଣ ପରେ ଦରକାର ପଡିଲେ ଏହି ସଂରକ୍ଷିତ ବିହନକୁ ବିବାଦୀୟ ସମସ୍ୟାର ସମାଧାନ କରିବା ପାଇଁ ଏବଂ ବାଧ୍ୟତାମୂଳକ ଲାଇସେନସିଂ ନିୟମର ଉଲ୍ଲଂଘନରୁ ଉତ୍ପନ୍ନ ହେଉଥିବା ପରିସ୍ଥିତିର ସମାଧାନ ପାଇଁ ବ୍ୟବହାର କରାଯାଏ । ଦରକାର ପଡିଲେ ରାଷ୍ଟ୍ରୀୟ ଜିନ୍ ବ୍ୟାଙ୍କର ଏହି ବିହନ ସଞ୍ଚୟରୁ ବିହନର ନମୁନାକୁ ଆଣି ତାର ସତ୍ୟାସତ୍ୟ ନିରୂପଣ କରି ବଜାରରେ ଉତ୍ପନ୍ନ ହେଉଥିବା ଅପରାଧପୂର୍ଣ୍ଣ ଏବଂ ନିୟମର ଉଲ୍ଲଂଘନକୁ ନିବୃତ କରାଯାଇ ପାରିବ । ପଞ୍ଜୀକରଣ ବୈଧତାର ସମୟସୀମା ଅତିକ୍ରମ କରିଗଲାପରେ ଏହି ବିହନ ସାମଗ୍ରୀ ସାର୍ବଜନୀକ କ୍ଷେତ୍ରରେ ଉପଲବ୍ଧ ହୁଏ ।

**ରାଷ୍ଟ୍ରୀୟ ଜିନ୍ ପାଣ୍ଠି :**

ପ୍ରାଧିକରଣ ଦ୍ୱାରା ନିମ୍ନଲିଖିତ ଗବେଷକ ବା ଅନୁଷ୍ଠାନ ମାନଙ୍କ ତରଫରୁ ମିଳୁଥିବା ଅନୁଦାନ ପାଇଁ ଏକ ରାଷ୍ଟ୍ରୀୟ ଜିନ୍ ପାଣ୍ଠି ସ୍ଥାପନା କରାଯାଇଛି ।

- କୌଣସି କିସମର, ବା ପଞ୍ଜୀକରଣ ଅର୍ନ୍ତଗତ ଅନିବାର୍ଯ୍ୟ ରୂପରେ ଉତ୍ପନ୍ନ କିସମର ପ୍ରଜନକଙ୍କ ଦ୍ୱାରା ନିର୍ଦ୍ଧାରିତ ଆଇନ ଅନୁସାରେ ପ୍ରାପ୍ତ ଲାଭାଂଶରେ ଭାଗିଧାରୀ ।
- ଜିନ ପାଣ୍ଠିର ପ୍ରାଧିକରଣରେ ପୈଠ କରିବାକୁ ଥିବା ବାର୍ଷିକ ଦେୟ ।
- କୋଣସି ରାଷ୍ଟ୍ରୀୟ କିମ୍ବା ଅର୍ନ୍ତରାଷ୍ଟ୍ରୀୟ ସଂଗଠନ ତଥା ଅନ୍ୟାନ୍ୟ ସୂତ୍ରରୁ ପ୍ରାପ୍ତ ହେବାକୁ ଥିବା ଦାନ ବା ଯୋଗଦାନ ।

**ଜିନ୍ ପାଣ୍ଠିର ଉପଯୋଗ:**

- ଲାଭରେ ଭାଗିଦାରୀ ଦ୍ୱାରା ଦେବାକୁ ଥିବା ନିର୍ଦ୍ଧାରିତ ଶୁଳ୍କ ।
- ଧାରା - ୪୧ ଅର୍ନ୍ତଗତ ଉପଧାରା-୩ ଅନୁସାରେ ଦେବାକୁ ଥିବା କ୍ଷତିପୂରଣ ।
- ସ୍ୱସ୍ଥାନ ଏବଂ ବହିଁସ୍ଥାନ (*in situ, ex situ*) ସଂକଳନ ସହିତ ଅନୁବଂଶିକ ସଂସାଧନର ସଂରକ୍ଷଣ ଏବଂ ପୁନଃ ବ୍ୟବହାର ଉପଯୋଗକୁ ସାହାଯ୍ୟ କରିବାପାଇଁ ଦେବାକୁ ଥିବା ବ୍ୟୟ ତଥା ଏହି ଅନୁବଂଶିକ ସଂସାଧନର ସଂରକ୍ଷଣ ଏବଂ ପୁନଃ ବ୍ୟବହାରରେ ପଞ୍ଚାୟତର କ୍ଷମତାକୁ ଦୃଢ଼ିଭୂତ କରିବା ପାଇଁ ଆବଶ୍ୟକ ବ୍ୟୟ ।
- ଧାରା-୪୬ ଅନ୍ତର୍ଗତ ଲାଭରେ ଭାଗିଦାରୀ ସମ୍ବନ୍ଧୀୟ ଯୋଜନା ଉପରେ ଦେବାକୁ ଥିବା ବ୍ୟୟ

**ଲାଭରେ ଭାଗିଦାରୀ :**

ଉଦ୍ଭିଦକିସମ ଏବଂ କୃଷକ ଅଧିକାର ସଂରକ୍ଷଣ ଅଧିନିୟମ -୨୦୦୧ ଧାରା - ୨୩ର ଉପଧାରା - ୮ ଏବଂ ଧାରା - ୨୪ର ଉପଧାରା - ୨ ଅନ୍ତର୍ଗତ ପଞ୍ଜୀକରଣ ପ୍ରମାଣ ପତ୍ର ପ୍ରାପ୍ତ ହେବାପରେ, ପ୍ରାଧିକରଣ ପ୍ରମାଣ ପତ୍ର ବିଷୟବସ୍ତୁ ପ୍ରକାଶିତ କରିଥାନ୍ତି; ଯାହାଦ୍ୱାରା ଅଧିନିୟମ ଅନ୍ତର୍ଗତ ଲାଭରେ ଭାଗିଦାରୀ ପାଇଁ ଅଭିଯୋଗ ଗୁଡିକୁ ଉପସ୍ଥାପିତ କରାଯାଇ ପାରିବ । ଏହି ବିଜ୍ଞାପନ ଭାରତୀୟ ଉଦ୍ଭିଦକିସମ, ପ୍ଲାଣ୍ଟ ଭେରାଇଟି ଜୋରନାଲ ଅଫ୍ ଇଣ୍ଡିଆ ପତ୍ରିକାରେ ପ୍ରକାଶିତ ହୁଏ । ଯେ କୌଣସି ଭାରତୀୟ ବ୍ୟକ୍ତି ବା ବ୍ୟକ୍ତି ସମୂହ ଭାରତରେ ସ୍ଥାପିତ ସରକାରୀ କିମ୍ବା ବେସରକାରୀ ସଂଗଠନ ଅଥବା ଫାର୍ମ, ଲାଭରେ ଭାଗିଦାରୀ ପାଇଁ (ପି.ପି.ଭି. ଆଣ୍ଡ ଏଫ. ଆର.ଏ. - ୨୦୦୧ ଅଧିନିୟମ ଅର୍ନ୍ତଗତ ଧାରା -୨୬(୨) ଯାହାକୁ ପି.ପି.ଭି. ଆଣ୍ଡ ଏଫ. ଆର.ଏ. ନିୟମାବଳୀ - ୨୦୦୩ ର ନିୟମ -୪୧ ସହିତ ପଢ଼ାଯାଇ ପାରେ ) ଏହି ଦାବି ଉପସ୍ଥାପନା ପ୍ରକାଶନର ୬ମାସ ମଧ୍ୟରେ ପ୍ରଥମ ଅନୁସୂଚିତ ଫର୍ମ ପି.ଭି.-୭ରେ ଆବେଦନ କରିବା ଦରକାର ।

**ସମ୍ପ୍ରଦାୟର ଅଧିକାର :**

- ଗ୍ରାମ ଏବଂ ଆଞ୍ଚଳିକ ଜନସମୂହକୁ ଅଧିନିୟମରେ ପଞ୍ଜିକୃତ କିସମର ବିକାଶରେ ଉଲ୍ଲେଖନୀୟ ଯୋଗଦାନ ପାଇଁ କ୍ଷତିପୂରଣ ପ୍ରଦାନ ।
- ଭାରତର କୌଣସି ବ୍ୟକ୍ତି ବା ବ୍ୟକ୍ତି ସମୂହ, ସରକାରୀ କିମ୍ବା ବେସରକାରୀ ସଂଗଠନ, ଗ୍ରାମୀଣ ବା ଆଞ୍ଚଳିକ ସମ୍ପ୍ରଦାୟ ତରଫରୁ ଉଦ୍ଭିଦକିସମର ବିକାଶ ପାଇଁ କୌଣସି ଅଧିସୂଚିତ କେନ୍ଦ୍ରରେ ନିଜର ଯୋଗଦାନକୁ ଅର୍ନ୍ତଭୁକ୍ତ କରିପାରିବ ।
- ସତ୍ୟତା ନିରୁପଣ ପରେ ଏବଂ କେନ୍ଦ୍ରସରକାରଙ୍କ ଦ୍ୱାରା ପ୍ରଜନକଙ୍କୁ ଦିଆଯାଇଥିବା ବିଜ୍ଞାପିତ ସମୟ ମଧ୍ୟରେ ଦାଖଲ ହୋଇଥିବା ଆପତ୍ତିର ଶୁଣାଣିରେ ଯଦି ପ୍ରାଧିକରଣ ସନ୍ତୁଷ୍ଟ ହୁଅନ୍ତି ତେବେ ଏହା ଆପତ୍ତି ଦାଖଲକାରୀଙ୍କୁ ଆଇନତଃ କ୍ଷତିପୂରଣ ଅନୁମୋଦନ କରିପାରିବେ ।
- ପ୍ରାଧିକରଣ କୌଣସି କିସମର ପ୍ରଜନକଙ୍କୁ କ୍ଷତି ପୂରଣ ଦେୟ (ଭୁରାଜସ୍ୱର ବାକିଥିବା ରାଶି) ଜିନ୍‌ପାଣ୍ଠିରେ ଜମା କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇପାରନ୍ତି ।

### ସମୟାନୁକ୍ରମିକ ବିବରଣୀ

- ୨୦୦୧ ମସିହା ଅକ୍ଟୋବର ମାସ ୩୦ ତାରିଖରେ ଉଦ୍ଭିଦକିସମ ଏବଂ କୃଷକ ଅଧିକାର ସଂରକ୍ଷଣ ଅଧିନିୟମ - ୨୦୦୧, ଲାଗୁହେଲା ।
- ୨୦୦୩ ମସିହା ସେପ୍ଟେମ୍ବର ମାସ ୧୨ ତାରିଖରେ ଏହି ଅଧିନିୟମ ଅର୍ନ୍ତଗତ ନିୟମାବଳୀଗୁଡିକ ସୂଚିତହେଲା ।
- ୨୦୦୫ ମସିହା ନଭେମ୍ବର ମାସ ୧୧ ତାରିଖରେ ଉଦ୍ଭିଦ କିସମର ସଂରକ୍ଷଣ ଏବଂ କୃଷକମାନଙ୍କର ଅଧିକାରର ପ୍ରାଧିକରଣ ସ୍ଥାପିତ ହୋଇଥିଲା ।
- ୨୦୦୬ ମସିହା ଡିସେମ୍ବର ମାସ ୭ ତାରିଖରେ ପି.ପି.ଭି. ଆଣ୍ଡ ଏଫ.ଆର.ଏ. ପ୍ରାଧିକରଣ ଦ୍ୱାରା ଧାର୍ଯ୍ୟ ନିୟମାବଳୀଗୁଡିକ ସୂଚିତ କରାଗଲା । ଏହି ନିୟମାବଳୀରେ ମୁଖ୍ୟପ୍ରଶାସକଙ୍କ କର୍ତ୍ତବ୍ୟ, ଆଇନକାନୁନ ସମ୍ବନ୍ଧୀୟ ଅଧିକାର, ଉଦ୍ଭିଦ କିସମ ଏବଂ ଅନିବାର୍ଯ୍ୟ ରୂପରେ ଉତ୍ପନ୍ନ କିସମର ପଞ୍ଜୀକରଣ, ପ୍ରାଧିକରଣର ରାଷ୍ଟ୍ରୀୟ ଜିନ ବ୍ୟାଙ୍କରେ ଜମା କରିବାକୁ ଥିବା ବିହନ ସାମଗ୍ରୀର ପରିମାଣ, ପ୍ରାଧିକରଣର ସର୍ତ୍ତ ଏବଂ ସୀମାରେଖା, ଫର୍ମ-୧, ଫର୍ମ-୨ ଏବଂ ଟେକନିକାଲ ପ୍ରଶ୍ନାବଳୀ ଗୁଡିକ ଉଲ୍ଲେଖିତ ଅଛି ।
- ୨୦୦୭ ମସିହା ଫେବୃଆରୀ ମାସ ୨୦ ତାରିଖରେ ଉଦ୍ଭିଦକିସମ ପଞ୍ଜୀକରଣର ଶୁଭାରମ୍ଭ ହେଲା ।
- ୨୦୦୭ ମସିହା ମଇ ମାସ ୨୧ ତାରିଖରେ ପ୍ରାଧିକରଣ ଅଧିସୂଚିତ ଫସଲ ପ୍ରଜାତି ଅନ୍ତର୍ଗତ ଉଦ୍ଭିଦ କିସମ ମାନଙ୍କର ପଞ୍ଜୀକରଣ ପ୍ରକ୍ରିୟାର ଆରମ୍ଭ ।
- ସେହି ୨୦୦୭ ମସିହାରେ ପ୍ରାଧିକରଣର ଜିନ ବ୍ୟାଙ୍କ ସ୍ଥାପିତ ହେଲା ।
- ୨୦୦୮ ମସିହାରେ ପଞ୍ଜୀକୃତ ଉଦ୍ଭିଦ କିସମ ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିବା ପାଇଁ ଉଦ୍ଭିଦ କିସମର ରାଷ୍ଟ୍ରୀୟ ରେଜିଷ୍ଟର ଖୋଲାଗଲା ।
- ପି.ପି.ଭି. ଆଣ୍ଡ ଏଫ.ଆର.ଏ. ସଂଶୋଧନ ନିୟମାବଳୀ - ୨୦୦୮ରେ ସିଡ୍ ଆକ୍ଟ -୧୯୬୬ର ଧାରା -୫ (୧୯୬୬ର ଧାରା -୫୪) ଅର୍ନ୍ତଗତ, ଅଧିସୂଚିତ ହୋଇଥିବା ପ୍ରଚଳିତ କିସମର ଶୁଳ୍କ ନିର୍ଦ୍ଧାରଣ କରାଗଲା ।
- ୨୦୦୮ ମସିହାରେ ପ୍ରଥମ ଥର ପାଇଁ ସିଡ୍ ଆକ୍ଟ-୧୯୬୬ ର ଧାରା -୫ ଅନ୍ତର୍ଗତ ଅଧିସୂଚିତ ହୋଇଥିବା ପ୍ରଚଳିତ କିସମ ପଞ୍ଜୀକରଣର ପ୍ରମାଣ ପତ୍ର ପ୍ରଦାନ କରାଗଲା ।
- ୨୦୦୮ ମସିହାରେ ୨୨ଟି କୃଷି ଜୈବବିବିଧତା ହଟ୍ ସ୍ପଟ୍ (Hot Spot) ଚିହ୍ନିତ କରାଗଲା ଏବଂ ଏହା ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ରିପୋର୍ଟ ଦୁଇଟି ପୁସ୍ତକ (Vol. I ଏବଂ Vol. II) ମାଧ୍ୟମରେ ୨୦୦୯ ମସିହା ଅଗଷ୍ଟ ମାସ ୧୯ ତାରିଖରେ ପ୍ରକାଶ କରାଗଲା ।
- ୨୦୦୯ ମସିହାରେ ପ୍ରଥମ ଥର ପାଇଁ ନୂତନ କିସମ ଏବଂ କୃଷକ କିସମ ପଞ୍ଜୀକରଣର ପ୍ରମାଣ ପତ୍ର ପ୍ରଦାନ କରାଗଲା ।
- ଫସଲ ପ୍ରଜାତି ଗୁଡିକର ରାଜପତ୍ର ଅଧିସୂଚନା ଆଦେଶ ଏସ୍. ଓ. ୧୮୮୪(ଇ) ଦିନାଙ୍କ ୧ ଡିସେମ୍ବର, ୨୦୦୬; ଏସ୍ ଓ ୨୨୨୯ (ଇ) ଦିନାଙ୍କ ୩୧ ଡିସେମ୍ବର, ୨୦୦୭; ଏସ୍. ଓ. ୧୮୭୪(ଇ) ଦିନାଙ୍କ ୨୭ ଜୁଲାଇ, ୨୦୦୯; ଏସ୍. ଓ. ୯୯୩ (ଇ) ଦିନାଙ୍କ ୩୦ ଅପ୍ରେଲ ୨୦୧୦ ଏବଂ ଏସ. ଓ. ୨୮୮୩(ଇ) ଦିନାଙ୍କ ୨ଡିସେମ୍ବର, ୨୦୧୦ ।
- ନୂତନ କିସମର ପଞ୍ଜୀକରଣ ପାଇଁ ଶୁଳ୍କ ତଥା ଭିସିକେ [ପି.ପି.ଭି. ଆଣ୍ଡ ଏଫ. ଆର.ଏ. ସଂଶୋଧନ ନିୟାମବଳୀ , ୨୦୦୯ ଏସ୍. ଓ. ୩୧୯(ଇ) ଦିନାଙ୍କ ୧୧ମଇ, ୨୦୦୯] ; ସାମାନ୍ୟ ଜ୍ଞାନର କିସମ (ଭିସିକେ) ଏବଂ କୃଷକ କିସମ ପଞ୍ଜୀକରଣ ଆଧାର [ (ବିଶିଷ୍ଟତା ଏକରୂପତା ଏବଂ ସ୍ଥାୟିତ୍ୱ ହେତୁ ପଞ୍ଜୀକରଣର ଆଧାର ) ନିୟମାବଳୀ, ୨୦୦୯, ଏସ୍. ଓ. ୪୫୨(ଇ) ଦିନାଙ୍କ ୨୯ ଜୁନ, ୨୦୦୯]; ବାର୍ଷିକ ଶୁଳ୍କ [ଏସ୍. ଓ. ୨୧୮୨(ଇ) ଦିନାଙ୍କ ୨୬ ଅଗଷ୍ଟ, ୨୦୦୯]; କୃଷକ କିସମର ପଞ୍ଜୀକରଣର ସୀମା ୩ବର୍ଷ ରୁ ବୃଦ୍ଧିକରି ୫ବର୍ଷ କରାଗଲା [ପି.ପି.ଭି. ଆଣ୍ଡ ଏଫ.ଆର.ଏ. (ଦ୍ୱିତୀୟ ସଂଶୋଧନ ) ନିୟମାବଳୀ ୨୦୦୯, ଏସ୍.ଓ. ୭୮୩ (ଇ) ଦିନାଙ୍କ ୨୭ ଅକ୍ଟୋବର, ୨୦୦୯] ତଥା ବୃକ୍ଷଲତା ପରିକ୍ଷଣର କାର୍ଯ୍ୟପଦ୍ଧତି ଏବଂ ଶୁଳ୍କ [ପି.ପି.ଭି. ଆଣ୍ଡ ଏଫ. ଆର. (ସଂଶୋଧନ) ନିୟମାବଳୀ ୨୦୧୦, ଏସ୍. ଓ. ୯୪୯(ଇ) ଦିନାଙ୍କ ୩ ଡିସେମ୍ବର, ୨୦୧୦] ।


**ଯୋଗାଯୋଗ ଠିକଣା :**

ଉଦ୍ଭିଦକିସମ ଏବଂ କୃଷକ ଅଧିକାର ସଂରକ୍ଷଣ ପ୍ରାଧିକରଣ
ଏସ୍ -୨, ଏ ବ୍ଲକ୍, ଏନ୍, ଏ. ଏସ୍, ସି. କମ୍ପ୍ଲେକ୍ସ, ଦେବପ୍ରକାଶ ଶାସ୍ତ୍ରୀ ମାର୍ଗ,
ନୂଆଦିଲ୍ଲୀ - ୧୧୦୦୧୨
ୱେବ୍ ସାଇଟ୍: www.plantauthority.gov.in
ଇ-ମେଲ୍ : ppvfra-agri@nic.in


Oriya

# ଉଦ୍ଭିଦକିସମ ଏବଂ କୃଷକ ଅଧିକାର ସଂରକ୍ଷଣ ପ୍ରାଧିକରଣ


କୃଷି ଏବଂ ସହକାରୀତା ବିଭାଗ
କୃଷି ମନ୍ତ୍ରଣାଳୟ
ଭାରତ ସରକାର






ଏନ.ଏ.ଏସ୍.ସି. କମ୍ପ୍ଲେକ୍ସ, ଡି.ପି.ଏସ୍. ମାର୍ଗ, ଟୋଡାପୁର ଭିଲେଜ୍ ସାମନା

## ଉଦ୍ଭିଦକିସମ ଏବଂ କୃଷକ ଅଧିକାର ସଂରକ୍ଷଣ ପ୍ରାଧିକରଣ :

ବୌଦ୍ଧିକ ସଂପଦ ଅଧିକାରର ବ୍ୟବସ୍ଥା ସମ୍ବନ୍ଧୀୟ ବୁଝାମଣାର (TRIPS) ଧାରା ୨୭.୩ (ଖ) ଅନ୍ତର୍ଗତ ଉଦ୍ଭିଦର ନୂଆ କିସମର ବିକାଶକୁ ପ୍ରୋତ୍ସାହିତ କରିବା, ଉଦ୍ଭିଦକିସମ ତଥା କୃଷକ ମାନଙ୍କର ଅଧିକାର ଗୁଡିକ ସଂରକ୍ଷଣ ସହିତ ଏକ ପ୍ରଭାବୀ ପ୍ରଣାଳୀ ସ୍ଥାପିତ କରିବା ପାଇଁ, ଭାରତ ସ୍ୱନିର୍ମିତ ପ୍ରଣାଳୀକୁ ଆପଣେଇଲା ଏବଂ ସେଇ ଅନୁସାରେ ଉଦ୍ଭିଦକିସମ ଓ କୃଷକ ଅଧିକାର ସଂରକ୍ଷଣ ଅଧିନିୟମ - ୨୦୦୧କୁ ଲାଗୁକଲା । ଭାରତୀୟ ବିଧାନର ଅନ୍ତର୍ଗତ, ଯେଉଁଠି ଉଦ୍ଭିଦର ନୂଆ କିସମର ସଂରକ୍ଷଣ ପାଇଁ ଅନ୍ତର୍ରାଷ୍ଟ୍ରୀୟ ସଂଘ (UPOV), ୧୯୭୮ ମସିହା, ସହିତ ଭାଗିଦାରୀ କରିଛି, ସେଠାରେ ସାର୍ବଜନିକ କ୍ଷେତ୍ରର ପ୍ରଜନନ ସଂସ୍ଥାଗୁଡିକ କୃଷକ ମାନଙ୍କର ହିତର ସୁରକ୍ଷା ପାଇଁ ଅତିରିକ୍ତ ନିୟମ ଲାଗୁ କରିଛି । ଏହି ଆଇନ୍ ଅନୁଯାୟୀ ବାଣିଜ୍ୟ ସମ୍ବନ୍ଧରେ କାର୍ଯ୍ୟରତ ଉଦ୍ଭିଦ ପ୍ରଜନକ ଓ କୃଷକ ମାନଙ୍କ ଉଦ୍ଭିଦପ୍ରଜନନ ସମ୍ବନ୍ଧୀୟ କାର୍ଯ୍ୟକଳାପରେ କରାଯାଉଥିବା ଯୋଗଦାନକୁ ମାନ୍ୟତା ପ୍ରଦାନ କରାଯାଇଛି, ତା ସହିତ ଭାରତରେ ବିଭିନ୍ନ ଉତ୍ପାଦକ ସମୂହ, ଘରୋଇ ବିହନ ଉତ୍ପାଦନ ଶିଳ୍ପ, ସାର୍ବଜନୀନ ଅନୁସନ୍ଧାନ କେନ୍ଦ୍ର ଓ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ସାମାଜିକ ତଥା ଆର୍ଥିକ ହିତକୁ ରକ୍ଷାକରିବା ପାଇଁ ଟ୍ରିସ୍ତର ନିୟମକୁ ଲାଗୁ କରାଯାଇଛି ।

## ପି.ପି.ଭି. ଆଣ୍ଡ ଏଫ୍.ଆର.ଏ. (PPV& FRA) ଆଇନ୍ - ୨୦୦୧ର ଲକ୍ଷ୍ୟ :

- ନୂଆ କିସମ ଉଦ୍ଭିଦର ବିକାଶ ପାଇଁ ଉଦ୍ଭିଦ ଅନୁବଂଶୀୟ ସଂସାଧନର ସଂରକ୍ଷଣରେ ସୁଧାର ଏବଂ ଏହାକୁ ଉପଲବ୍ଧ କରିବାପାଇଁ ଯେକୌଣସି ସମୟରେ କୃଷକମାନଙ୍କ ଦ୍ୱାରା କରାଯାଇଥିବା ଯୋଗଦାନ ତଥା ସେମାନଙ୍କ ଅଧିକାରକୁ ଜାଣିବା ଏବଂ ତାର ରକ୍ଷା କରିବା ।
- ଦେଶର କୃଷି ବିକାଶକୁ ତ୍ୱରାନ୍ୱିତ କରିବା, ଉଦ୍ଭିଦ ପ୍ରଜନକ ମାନଙ୍କର ଅଧିକାର ରକ୍ଷା କରିବା, ଉଦ୍ଭିଦର ନୂଆ କିସମର ପ୍ରଜନନ ପାଇଁ ସରକାରୀ ଏବଂ ଘରୋଇ ଉଭୟ କ୍ଷେତ୍ରରେ ଅନୁସନ୍ଧାନ ଓ ବିକାଶରେ କରାଯାଇଥିବା ବିନିଯୋଗକୁ ବର୍ଦ୍ଧିତ କରିବା ।
- କୃଷକ ମାନଙ୍କୁ ଉତ୍ତମ ଗୁଣ ଥିବା ବିହନ ଏବଂ ଉଦ୍ଭିଦ ଯୋଗାଇ ଦେବା ପାଇଁ ବିହନ ଉଦ୍ୟୋଗର ଉନ୍ନତିକୁ ସହଜ, ସୁଗମ ଏବଂ ସୁନିଶ୍ଚିତ କରିବା ।

## ପ୍ରାଧିକରଣ ସମ୍ବନ୍ଧୀୟ ସୂଚନା :

୨୦୦୫ ମସିହା ନଭେମ୍ବର ମାସ ୧୧ ତାରିଖରେ ଭାରତ ସରକାରଙ୍କ ଦ୍ୱାରା ରାଜପତ୍ର ଅଧିସୂଚନା (ଏସ୍.ଓ. ୧୫୮୯-ଇ) ଦ୍ୱାରା ଲାଗୁ କରାଯାଇଥିବା ପି.ପି.ଭି. ଆଣ୍ଡ ଏଫ୍.ଆର୍.ଏ. ଅଧିନିୟମ-୨୦୦୧ର ଧାରା -୩ ଉପଧାରା - ୧ରେ ପ୍ରଦତ୍ତ ଶକ୍ତି ଗୁଡିକର ଉପଯୋଗ କରାଯାଇ ଉଦ୍ଭିଦକିସମ ଏବଂ କୃଷକ ଅଧିକାର ସଂରକ୍ଷଣ ପ୍ରାଧିକରଣ ସ୍ଥାପନା କରାଯାଇଛି । ଏହି ପ୍ରାଧିକରଣ ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ଅଧିନରେ କାର୍ଯ୍ୟକରେ ଏବଂ ଏହାର ଅଧ୍ୟକ୍ଷ ଭାରତ ସରକାରଙ୍କ ସଚିବ ସ୍ତର ସହିତ ସମତୁଲ୍ୟ ଅଟନ୍ତି, ଯାହାଙ୍କୁ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟକର୍ତ୍ତା କୁହାଯାଏ । ଅଧ୍ୟକ୍ଷଙ୍କୁ ଛାଡି ପ୍ରାଧିକରଣରେ ୧୫ ଜଣ ସଦସ୍ୟଙ୍କୁ ଭାରତ ସରକାରଙ୍କ ଦ୍ୱାରା ଅଧିସୂଚିତ କରାଯାଇଛି । ତନ୍ମଧ୍ୟରୁ ଆଠଜଣ ଭାରତ ସରକାରଙ୍କ ବିଭିନ୍ନ ବିଭାଗ ବା ମନ୍ତ୍ରଣାଳୟର ପଦବଦଳରେ ପ୍ରାପ୍ତ ସଦସ୍ୟ (ex-officio members), ୩ ଜଣ ରାଜ୍ୟ କୃଷି ବିଶ୍ୱ ବିଦ୍ୟାଳୟ ଏବଂ ରାଜ୍ୟ ସରକାରଙ୍କ ପ୍ରତିନିଧି, ଏହା ସହିତ କୃଷକ-ଜନଜାତି ସଂଗଠନ ବିହନ ଉଦ୍ୟୋଗ ଏବଂ କୃଷି କାର୍ଯ୍ୟରେ ଜଡ଼ିତ ମହିଳା ସଂଗଠନ ପ୍ରତ୍ୟେକରୁ ଜଣେ ଜଣେ ପ୍ରତିନିଧିଙ୍କୁ କେନ୍ଦ୍ର ସରକାର ନାମିତ କରନ୍ତି । ଏମାନଙ୍କ ଛଡା ମୁଖ୍ୟ ପଞ୍ଜୀକରଣ ଅଧିକାରୀ ହେଉଛନ୍ତି ଏହି ପ୍ରାଧିକରଣର ସଦସ୍ୟ ସଚିବ ।

## ପ୍ରାଧିକରଣର ସାଧାରଣ କାର୍ଯ୍ୟ :

- ବିଶିଷ୍ଟତା, ଏକରୂପତା ଏବଂ ସ୍ଥାୟୀତ୍ୱର ସିଦ୍ଧାନ୍ତକୁ ଆପଣେଇଥିବା ନୂଆ ଉଦ୍ଭିଦକିସମ, ଅନିବାର୍ଯ୍ୟ ରୂପରେ ଉତ୍ପନ୍ନ କିସମ ଏବଂ ବର୍ତ୍ତମାନ ପ୍ରଚଳିତ କିସମର ପଞ୍ଜୀକରଣ ।
- ଉଦ୍ଭିଦର ନୂଆ କିସମ ବିକାଶର ଉନ୍ନତିରେ ପ୍ରୋତ୍ସାହନ ଏବଂ କୃଷକ ତଥା ପ୍ରଜନକ ମାନଙ୍କର ଅଧିକାରକୁ ରକ୍ଷାକରିବା ।
- ଏହି ଅଧିନିୟମ ଅନ୍ତର୍ଗତ ପଞ୍ଜିକୃତ କିସମ ଗୁଡିକ ସଚିବଦ୍ଧ କରିବା ।
- କୃଷକ କିସମର ପ୍ରଲେଖିକରଣ, ସୂଚୀବଦ୍ଧକରଣ ଏବଂ ତାଲିକାଭୁକ୍ତ କରଣ ।
- ବାଧ୍ୟତାମୂଳକ ଅନୁମତିପତ୍ର ପ୍ରଦାନ ଚୁକ୍ତି ଅନ୍ତର୍ଗତ ପଞ୍ଜିକୃତ କିସମ ମଞ୍ଜିର ଉପଲବ୍ଧତାକୁ ସୁନିଶ୍ଚିତ କରାଇବା ।
- ବିଶେଷଭାବରେ ପରିଚିତ କୃଷି ଜୈବବିବିଧତା ହଟ୍‌ସ୍ପଟ୍ , ଆର୍ଥିକରୂପରେ ମହତ୍ୱପୂର୍ଣ୍ଣ ଉଦ୍ଭିଦ, ବନ୍ୟ ସମ୍ବନ୍ଧରେ ଜଡିତଥିବା ଉଦ୍ଭିଦଅନୁବଂଶିୟ ସଂସାଧନର ସଂରକ୍ଷଣରେ ସୁଧାର ଏବଂ ପରୀକ୍ଷଣରେ ଜଡିତଥିବା କୃଷକ ଏବଂ କୃଷକ ସମୁଦାୟ ବିଶେଷ କରି ଜନଜାତି ଓ ଗ୍ରାମ୍ୟ ସମୁଦାୟକୁ ମାନ୍ୟତା ପ୍ରଦାନ କରିବା ତଥା ପୁରସ୍କୃତ କରିବା ।
- ରାଷ୍ଟ୍ରୀୟ ଉଦ୍ଭିଦକିସମ ପୁସ୍ତକ ରକ୍ଷଣାବେକ୍ଷଣର ସୁନିଶ୍ଚିତ କରଣ ତଥା ସବୁ ଉଦ୍ଭିଦକିସମ ସମ୍ବନ୍ଧୀୟ ଡାଟାବେସ୍‌ର (ଅଭିକଳକ)ର ଆଧୁନିକି କରଣ ।
- ରାଷ୍ଟ୍ରୀୟ ଜିନ୍ ବ୍ୟାଙ୍କର ରକ୍ଷଣାବେକ୍ଷଣ ।
- ଡି. ୟୁ. ଏସ୍. (DUS) ପରୀକ୍ଷଣ ମାନଦଣ୍ଡର ବିକାଶ ତଥା ଉଦ୍ଭିଦପ୍ରଜାତିର ସାଧାରଣ, ବିଶିଷ୍ଟ ଏବଂ ବିଶେଷ ପରୀକ୍ଷଣ ନୀତି ସମୂହର ସିଦ୍ଧାନ୍ତ ସୃଷ୍ଟିକରଣ ।

## ଅଧିନିୟମ ଅର୍ନ୍ତଗତ ନିୟମାବଳୀ :

### ପ୍ରଜନକ ମାନଙ୍କର ଅଧିକାର :

ଏହି ଆଇନ୍ ଅନୁସାରେ, କେବଳ ପ୍ରଜନକମାନେ ସଂରକ୍ଷିତ କିସମକୁ ଉତ୍ପନ୍ନ, ବିତରଣ, ବିକ୍ରୟ, ଆମଦାନୀ ଏବଂ ରପ୍ତାନୀ କରିବାର ଅଧିକାର ପାଇବେ ।

ଏହି ଆଇନକୁ ଉଲଂଘନ କଲେ ପ୍ରଜନକମାନେ ନୂଆ ପ୍ରତିନିଧି / ଅନୁମତି ପତ୍ର ଅଧିକାରୀ ନିଯୁକ୍ତ କରିପାରିବେ ବା ଆଇନ କାନୁନ୍‌ର ସାହାଯ୍ୟ ଲୋଡ଼ି ପାରିବେ ।

### ଗବେଷକ ମାନଙ୍କର ଅଧିକାର :

ଗବେଷକମାନେ ସଂରକ୍ଷିତ କିସମକୁ ବିଭିନ୍ନ ପ୍ରକାରର ପରୀକ୍ଷଣ କିମ୍ବା ଗବେଷଣା କରିପାରିବେ ଏବଂ ନୂଆକିସମ ଉତ୍ପନ୍ନ କରିବା ପାଇଁ ଏହି ସଂରକ୍ଷିତ କିସମକୁ ଏକ ପ୍ରାରମ୍ଭିକ ଉତ୍ସ ଆକାରରେ ବ୍ୟବହାର କରିପାରିବେ । କିନ୍ତୁ ଏହାର ବାରମ୍ବାର ବ୍ୟବହାର ପାଇଁ ଅନୁମତି ଏକାନ୍ତ ଅପରିହାର୍ଯ୍ୟ ।

### କୃଷକ ମାନଙ୍କର ଅଧିକାର :

- ପ୍ରଜନକ ମାନଙ୍କ ଭଳି ଯେଉଁ କୃଷକ ମାନେ ନୂଆ କିସମକୁ ବିକସିତ ବା ପ୍ରଜନ୍ମିତ କରିଥାନ୍ତି ତାହାର ପଞ୍ଜୀକରଣ ଏବଂ ସୁରକ୍ଷାର ଉଚିତ୍ ଅଧିକାର ସେହି କୃଷକ ମାନଙ୍କୁ ଦିଆଯାଇଥାଏ ।
- ବର୍ତ୍ତମାନ ପ୍ରଚଳିତ କିସମ ଗୁଡିକ ପରି, କୃଷକ କିସମ ଗୁଡିକୁ ମଧ୍ୟ ପଞ୍ଜୀକୃତ କରାଯାଇ ପାରିବ ।
- ଯେ କୌଣସି କୃଷକ ପି.ପି.ଭି. ଆଣ୍ଡ ଏଫ୍.ଆର.ଏ. - ୨୦୦୧ ଅଧିନିୟମ ଅର୍ନ୍ତଗତ ସଂରକ୍ଷିତ କିସମର ବିହନ ସହିତ ନିଜ ଜମିରୁ ଉତ୍ପନ୍ନ କିସମକୁ ସେହିପରି ଭାବରେ ସଞ୍ଚୟ, ବ୍ୟବହାର, ବିପଣନ, ବିନିମୟ, ଭାଗିଦାରୀ ବା ବିକ୍ରୟ କରିପାରିବ ଯେପରି ଏହି ନିୟମ ଲାଗୁହେବା ପୂର୍ବରୁ କରିପାରୁଥିଲା, କିନ୍ତୁ ଏହା (ପି.ପି.ଭି. ଆଣ୍ଡ.ଏଫ୍.ଆର.ଏ. -୨୦୦୧ ଅଧିନିୟମ) ଲାଗୁ ହେଲା ପରେ ଏହି ନିୟମ ଅର୍ନ୍ତଗତ ସଂରକ୍ଷିତ କିସମର କୌଣସି ସୂଚିତ ବିହନ ବିକ୍ରି କରିପାରିବ ନାହିଁ ।
- ଯେଉଁ କୃଷକମାନେ ଆର୍ଥିକ ରୂପରେ ମହତ୍ୱପୂର୍ଣ୍ଣ ଉଦ୍ଭିଦପ୍ରଜାତି ଏବଂ ଏହାର ବନ୍ୟ ସମ୍ବନ୍ଧୀୟ ପ୍ରଜାତିର ଅନୁବଂଶୀୟ ସଂସାଧନର ସଂରକ୍ଷଣ କରିଥାନ୍ତି ସେମାନଙ୍କୁ ଜିନ ପାଣ୍ଠିରୁ ପୁରସ୍କୃତ କରାଯାଇଥାଏ ।
- ଅଧିନିୟମ - ୨୦୦୧ର ଧାରା - ୩୯ (୨) ଅନୁସାରେ କୌଣସି କିସମର ଉତ୍ପାଦନ ବିଫଳ ହେଲେ ସେହି କୃଷକମାନଙ୍କୁ କ୍ଷତିପୂରଣ ଦେବାର ବିଧାନ ରହିଛି ।
- ଏହି ଅଧିନିୟମ ଅନୁଯାୟୀ କୃଷକ ମାନଙ୍କୁ ମୁଖ୍ୟ ପ୍ରଶାସକ, ବିଚାରକମଣ୍ଡଳୀ ବା ଉଚ୍ଚ ନ୍ୟାୟାଳୟରେ ମୋକଦ୍ଦମା କରିବା ପାଇଁ କୌଣସି ଦେୟ ଦେବାକୁ ପଡେ ନାହିଁ ।

## ପଞ୍ଜୀକରଣ :

ଅଧିନିୟମର ଧାରା - ୨୯.୨ ଅନୁସାରେ କେନ୍ଦ୍ର ସରକାରଙ୍କ ସରକାରୀ ଇସ୍ତାହାର ପତ୍ରିକାର ଘୋଷଣା ଅନୁଯାୟୀ କୌଣସି କିସମର ପଞ୍ଜୀକରଣ ପାଇଁ ଏହାର ବଂଶ ତଥା ପ୍ରଜାତିର ନିର୍ଦ୍ଧାରଣ କରାଯାଏ । ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାର ୩୪ ପ୍ରକାର ଫସଲ ପ୍ରଜାତିକୁ ପଞ୍ଜୀକରଣ କରାଯାଇ ପାରିବ ବୋଲି ଘୋଷଣା କରିଛନ୍ତି । ପି.ପି.ଭି. ଆଣ୍ଡ ଏଫ୍.ଆର.ଏ. ପ୍ରାଧିକରଣ ଏହି ୩୪ ପ୍ରକାର ଫସଲର ପଞ୍ଜୀକରଣ ପାଇଁ ପ୍ରଜାତି ବିଶିଷ୍ଟ ବିଶିଷ୍ଟତା, ଏକରୂପତା ଏବଂ ସ୍ଥାୟିତ୍ୱ ପରୀକ୍ଷଣ (ଡି.ୟୁ.ଏସ୍. ଟେଷ୍ଟ) ନିୟମ କିମ୍ବା ବିଶିଷ୍ଟ ନିୟମାବଳୀକୁ ବିକ୍ଷିତ କରିଛନ୍ତି । ଏହି ବିଶିଷ୍ଟ ନିୟମାବଳୀ ଗୁଡିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଡି.ୟୁ.ଏସ୍. ସମରୂପ ପରିକ୍ଷଣର ସମ୍ପୂର୍ଣ୍ଣ ବ୍ୟବହାରିକ ଜ୍ଞାନ, ପରୀକ୍ଷଣ ମୁଖ୍ୟ ଉଦ୍ଦେଶ୍ୟକୁ ଚିହ୍ନେଇବା ଏବଂ ସମାଙ୍ଗୀ କିସମର ବିବରଣୀକୁ ତିଆରି କରିବା । ଏ ପର୍ଯ୍ୟନ୍ତ ୫୪ଟି ଫସଲର ନିର୍ଦ୍ଦିଷ୍ଟ ଡି.ୟୁ.ଏସ୍. ପରୀକ୍ଷଣକୁ ପ୍ରାଧିକରଣ ଦ୍ୱାରା ପ୍ରକାଶ କରାଯାଇଛି । ସେହି ଫସଲ ପ୍ରଜାତି ଗୁଡିକ ହେଲା - ଧାନ, ଗହମ, ମକା, ଜହ୍ନା, ବାଜରା, ଚଣା, ମୁଗ, ବିରି, ମଟର, ରାଜ୍‌ମା, ମସୁର, ହରଡ, ସୋରିଷ (*B. juncea*), ସୋରିଷ (*B. napus*), ରାଇ, ଚିନାବାଦାମ୍, ରାଇସୋରିଷ, ସୋୟାବିନ୍, ସୂର୍ଯ୍ୟମୁଖୀ , କୁସୁମ (*Carthamus tinctorius*), ଜଡା, ରାଶି, ଲିନ୍‌ଶିଡ୍, ଡିପ୍ଲଏଡ୍ କପା (*G. herbaceum*), ଡିପ୍ଲଏଡ୍ କପା (*G. arboreum*), ଟେଟ୍ରାପ୍ଲଏଡ୍ କପା (*G. barbadense*), ଟେଟ୍ରାପ୍ଲଏଡ୍ କପା (*G. hirsutum*), ଝୋଟ (*C. olitorisus*), ଝୋଟ(*C. capsularis*), ଆଖୁ, ଗୋଲମରିଚ, ଅଳେଇଚ, ହଳଦୀ, ଅଦା, ବିଲାତି ବାଇଗଣ, ଭେଣ୍ଡି, ଫୁଲକୋବି, ବନ୍ଧାକୋବି, ବାଇଗଣ, ଆଳୁ, ପିଆଜ, ରସୁଣ, ଗୋଲାପ, ସେବତୀ, ଆମ୍ବ, ଡ୍ୟୁରମ୍ ଗହମ(*T. durum*), ଡାଇକୋକମ୍ ଗହମ (*T. dicoccum*), ଅନ୍ୟାନ୍ୟ ଗହମ ପ୍ରଜାତି, ଇସବଗୋଲ, ପୋଦିନା, ଜାମଦାନୀ ଗୋଲାପ, ସଦାବିହାରୀ, ବ୍ରାହ୍ମି ଏବଂ ନଡିଆ ।

## ପ୍ରାଧିକରଣର ପ୍ରକାଶନ:

- ପ୍ଲାଣ୍ଟ ଭେରାଇଟି ଜୋରନାଲ୍ ଅଫ୍ ଇଣ୍ଡିଆ ।
- ଜେନେରାଲ୍ ଆଣ୍ଡ କ୍ରପ୍ ସ୍ପେସିଫିକ୍ ଡି.ୟୁ. ଏସ୍. ଟେଷ୍ଟ ଗାଇଡଲାଇନ୍‌ସ୍ ।
- ଟେକ୍ନିକାଲ ବୁଲେଟିନ୍ ।
- ଜିନ୍ ବ୍ୟାଙ୍କ ମ୍ୟାନୁଆଲ୍ ।
- ଏଗ୍ରୋ ବାୟୋଡାଇଭରସିଟି ହଟ ସ୍ପଟ୍‌ସ୍ (Vol- I and Vol-II) ।
- ପି.ପି.ଭି. ଆଣ୍ଡ ଏଫ୍. ଆର. ଅଧିନିୟମ - ୨୦୦୧ର ବିଭିନ୍ନ ପ୍ରାବଧାନକୁ ରେଖାଙ୍କିତ କରୁଥିବା "ସିଡ ଅଫ୍ ସଷ୍ଟେନାନ୍ସ" (Seed of Sustenance) ର ଏକ ଭିଡିଓ ସିଡି ।
- ଆନୁଆଲ ରିପୋର୍ଟସ୍ ।

## ପଞ୍ଜୀକରଣ ପାଇଁ ଆବଶ୍ୟକୀୟ ଦେୟ :

ଉଦ୍ଭିଦ କିସମର ପଞ୍ଜୀକରଣ ପାଇଁ ଆବେଦନ ପତ୍ର ସହିତ ପ୍ରାଧିକରଣ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଶୁଳ୍କ ବା ଆବଶ୍ୟକୀୟ ଦେୟ ପୈଠ କରିବାକୁ ପଡିଥାଏ ।

| କ୍ର.ନଂ. | କିସମର ପ୍ରକାର | ପଞ୍ଜୀକରଣ ଦେୟ | |
|---|---|---|---|
| ୧. | ଅନିବାର୍ଯ୍ୟ ରୂପରେ ଉତ୍ପନ୍ନ କିସମ | ବ୍ୟକ୍ତିଗତ ଭାବେ | - ଟ. ୫,୦୦୦.୦୦ ମାତ୍ର |
| | | ଶିକ୍ଷା ଅନୁଷ୍ଠାନ ଭାବେ | - ଟ. ୭,୦୦୦.୦୦ ମାତ୍ର |
| | | ବ୍ୟବସାୟିକ ଭାବେ | - ଟ. ୧୦,୦୦୦.୦୦ ମାତ୍ର |
| ୨ . | ମଞ୍ଜି ଆଇନ୍-୧୯୬୬, ଧାରା -୫ ଦ୍ୱାରା ସୂଚିତ ବର୍ତ୍ତମାନ ପ୍ରଚଳିତ କିସମ | | ଟ. ୧,୦୦୦.୦୦ ମାତ୍ର |
| ୩. | ନୂତନ କିସମ | ବ୍ୟକ୍ତିଗତ ଭାବେ | - ଟ. ୫,୦୦୦.୦୦ ମାତ୍ର |
| | | ଶିକ୍ଷା ଅନୁଷ୍ଠାନ ଭାବେ | - ଟ. ୭,୦୦୦.୦୦ ମାତ୍ର |
| | | ବ୍ୟବସାୟିକ ଭାବେ | - ଟ. ୧୦,୦୦୦.୦୦ ମାତ୍ର |
| ୪. | ବର୍ତ୍ତମାନ ପ୍ରଚଳିତ କିସମ | ବ୍ୟକ୍ତିଗତ ଭାବେ | - ଟ. ୨,୦୦୦.୦୦ ମାତ୍ର |
| | | ଶିକ୍ଷା ଅନୁଷ୍ଠାନ ଭାବେ | - ଟ. ୩,୦୦୦.୦୦ ମାତ୍ର |
| | | ବ୍ୟବସାୟିକ ଭାବେ | - ଟ. ୫,୦୦୦.୦୦ ମାତ୍ର |
| ୫. | କୃଷକ କିସମ | | ମାଗଣା |

## ବାର୍ଷିକ ଦେୟ :

କେନ୍ଦ୍ର ସରକାରଙ୍କ ଦ୍ୱାରା ପୂର୍ବରୁ ସ୍ୱୀକୃତିପ୍ରାପ୍ତ ଅଧିନିୟମରେ ଅର୍ନ୍ତଗତ ପଞ୍ଜୀକୃତ କିସମର ପ୍ରଜନକ ବା ଏଜେଣ୍ଟ ଏବଂ ଲାଇସେନ୍‌ସଧାରୀଙ୍କ ଦ୍ୱାରା ଦେବାକୁ ଥିବା ଆବଶ୍ୟକୀୟ ବାର୍ଷିକ ଦେୟକୁ ପି.ପି.ଭି. ଆଣ୍ଡ ଏଫ୍.ଆର.ଏ. ପ୍ରାଧିକରଣ ସୂଚିତ କରିଛନ୍ତି । ଏହା ନିମ୍ନରେ ପ୍ରଦତ୍ତ ହେଲା ।

| କ୍ର.ନଂ. | କିସମର ପ୍ରକାର | ପଞ୍ଜୀକରଣଦେୟ |
|---|---|---|
| ୧. | ନୂତନ କିସମ | ଟ. ୨,୦୦୦.୦୦ ଏବଂ ବିଗତବର୍ଷ ବିହନ ବିକ୍ରୟର ୦.୨ ଶତକଡା + ବିଗତ ବର୍ଷରେ ପଞ୍ଜୀକୃତ କିସମର ବିହନ ବିକ୍ରୟରୁ ପ୍ରାପ୍ତ ରାଶିର ୧ ଶତକଡା ରୟାଲଟି (ଯଦି ଥାଏ) । |
| ୨. | ସିଡ୍ ଆକ୍ଟ - ୧୯୬୬ ଧାରା - ୫ ଦ୍ୱାରା ସୂଚିତ ବର୍ତ୍ତମାନ ପ୍ରଚଳିତ କିସମ (୧୯୬୬ର ୫୪) | ଟ. ୨,୦୦୦.୦୦ ମାତ୍ର |
| ୩. | ଉପରୋକ୍ତ ଶ୍ରେଣୀ ଅତିରିକ୍ତ ବର୍ତ୍ତମାନ ପ୍ରଚଳିତ କିସମ | ଟ. ୨,୦୦୦.୦୦ ଏବଂ ବିଗତବର୍ଷ ପଞ୍ଜୀକୃତ କିସମର ବିହନ ବିକ୍ରୟର ୦.୧ ଶତକଡା + ବିଗତ ବର୍ଷରେ ପଞ୍ଜୀକୃତ କିସମର ବିହନ ବିକ୍ରୟରୁ ପ୍ରାପ୍ତ ରାଶିର ୦.୫ ଶତକଡା ରୟାଲଟି । |

ଅଧିନିୟମ ଅର୍ନ୍ତଗତ ପଞ୍ଜୀକୃତ କିସମର ବିଗତବର୍ଷ ମଞ୍ଜି ବିକ୍ରି ସମ୍ବନ୍ଧରେ ପଞ୍ଜୀକୃତ ପ୍ରଜନକ / ଏଜେଣ୍ଟ / ଲାଇସେନ୍‌ସ ଧାରୀଙ୍କ ଦ୍ୱାରା ମୂଲ୍ୟ ଘୋଷଣା କଲାପରେ ବାର୍ଷିକ ଦେୟ ନିର୍ଦ୍ଧାରଣ କରାଯାଏ ।

ଅଧିନିୟମ ଅର୍ନ୍ତଗତ ପଞ୍ଜୀକୃତ କିସମର ବିଗତବର୍ଷ ମଞ୍ଜି ବିକ୍ରି ସମ୍ବନ୍ଧରେ ପଞ୍ଜୀକୃତ ପ୍ରଜନକ / ଏଜେଣ୍ଟ / ଲାଇସେନ୍‌ସଧାରୀଙ୍କ ଦ୍ୱାରା ମୂଲ୍ୟ ଘୋଷଣା କଲାପରେ ବାର୍ଷିକ ଦେୟ ନିର୍ଦ୍ଧାରଣ କରାଯାଏ ।

## ଡି.ୟୁ.ଏସ୍.ପରୀକ୍ଷଣ କେନ୍ଦ୍ର :

ପ୍ରାଧିକରଣ ବିଭିନ୍ନ ଫସଲ ପାଇଁ ୪୨ଟି ଡି.ୟୁ.ଏସ୍. ପରୀକ୍ଷଣ କେନ୍ଦ୍ର ଚଳାଉଛନ୍ତି ଏବଂ ସେସବୁକୁ ଆର୍ଥିକ ସହଯୋଗ ପ୍ରଦାନ କରିଥାନ୍ତି । ଏହି ପରୀକ୍ଷଣ କେନ୍ଦ୍ରର ବୈଧାନିକ ସର୍ତ୍ତାବଳୀ ଅନୁସାରେ ପ୍ରମାଣିତ କିସମ ଓ ଉଦାହରଣ କିସମର ସଂଖ୍ୟାବର୍ଦ୍ଧନ, ରକ୍ଷଣାବେକ୍ଷଣ ଏବଂ ଡି.ୟୁ.ଏସ୍. ନିୟମାବଳୀ ଅନୁସାରେ କିସମ ଗୁଡିକର ଡି.ୟୁଏସ୍. ଲକ୍ଷଣ ସୂଚକ ଗୁଣର ଡାଟାବେସ (ଅଭିକଳକ) ଉତ୍ପନ୍ନ କରାଯାଏ । ପ୍ରାଧିକରଣର ସରକାରୀ ୱେବସାଇଟ୍‌ରେ ଡି.ୟୁ.ଏସ. ପରୀକ୍ଷଣ କେନ୍ଦ୍ରଗୁଡିକୁ ତାଲିକାଭୁକ୍ତ କରାଯାଇଛି ।

## ପ୍ଲାଣ୍ଟ ଭେରାଇଟି ଜୋରନାଲ ଅଫ୍ ଇଣ୍ଡିଆ:

ପ୍ରାଧିକରଣ ପ୍ରତି ମାସରେ ଦ୍ୱିଭାଷୀ (ହିନ୍ଦି ଏବଂ ଇଂରାଜୀ) ପ୍ଲାଣ୍ଟ ଭେରାଇଟି ଜୋରନାଲ ଅଫ୍ ଇଣ୍ଡିଆ ନାମକ ଏକ ସରକାରୀ ପତ୍ରିକା ପ୍ରକାଶିତ କରନ୍ତି, ଯାହା ପ୍ରତ୍ୟେକ ମାସର ପ୍ରଥମ କାର୍ଯ୍ୟ ଦିବସରେ ସାର୍ବଜନୀକ ଭାବରେ ଉପଲବ୍ଧ ହୁଏ । ଏହି ପତ୍ରିକା ଅଧିନିୟମ ପାଇଁ ସରକାରୀ ଇସ୍ତାହାର ପତ୍ରିକାର ମାନ୍ୟତା ପାଇଅଛି। ଏଥିରେ ସରକାରୀ ଏବଂ ସାର୍ବଜନୀକ ସୂଚନା ତଥା ଉଦ୍ଭିଦକିସମର ମୌଳିକ ତଥ୍ୟ, ଫସଲ ପ୍ରଜାତିର ଡି.ୟୁ.ଏସ୍. ପରୀକ୍ଷଣ ନିୟମାବଳୀ, ପଞ୍ଜୀକରଣ ପ୍ରମାଣପତ୍ରର ବିବରଣୀ ଏବଂ ଏଥି ସମ୍ବନ୍ଧୀୟ ଅନ୍ୟାନ୍ୟ ତଥ୍ୟ ପ୍ରକାଶିତ କରାଯାଏ ।